ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/COVID-19(OD)/ 1235/08-02-2021

# ପ୍ରେସ୍ ବିବୃତି

ଭୁବନେଶ୍ୱର :୦୮ ଫେବୃଆରୀ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କୋଭିଡ୍ ମହାମାରୀ ସମୟରେ ପ୍ରଥମ ଥର ପାଇଁ ଶ୍ରୀମନ୍ଦିର ପରିଦର୍ଶନ କରିଛନ୍ତି । ସେ ଓଡ଼ିଶାର ଜନସାଧାରଣଙ୍କ ଶାନ୍ତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିବା ସହ ମନ୍ଦିର ପାଇଁ ଜମି ଦାନ କରିଥିବା ଲୋକମାନଙ୍କୁ ଧନ୍ୟବାଦ ଦେଇଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ ସେମାନଙ୍କର ତ୍ୟାଗ ବିଫଳ ହେବ ନାହିଁ ବୋଲି ପ୍ରକାଶ କରିବା ସହ କେହି ବି ପ୍ରଭୁ ଜଗନ୍ନାଥଙ୍କ କାମ ଅଟକାଇ ପାରିବେ ନାହିଁ ବୋଲି କହିଛନ୍ତି । କେନ୍ଦ୍ର ସରକାର ରାଷ୍ଟ୍ରୀୟ ଐତିହ୍ୟ ପ୍ରାଧିକରଣର ଅଧିନିୟମକୁ ଉଚ୍ଛେଦ କରିବା ପାଇଁ ସେ ଦାବି ଜଣାଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ପ୍ରଜାମଣ୍ଡଳ ଆନ୍ଦୋଳନରେ ତାଙ୍କର ଦୃଢ଼ ନେତୃତ୍ୱ ଓ ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିରନ୍ତର ସଂଗ୍ରାମ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ନାରୀଶକ୍ତି, ବିଶିଷ୍ଟ ସାହିତ୍ୟିକା ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସ୍ୱାଧୀନତା ସମୟର ଓଡ଼ିଆ ସାହିତ୍ୟିକାଙ୍କ ମଧ୍ୟରେ ତାଙ୍କ ସ୍ଥାନ ସ୍ୱତନ୍ତ୍ର ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଜନଜାଗରଣ ସୃଷ୍ଟି ସହ କୁସଂସ୍କାର ବିରୋଧରେ ସଚେତନତା ବୃଦ୍ଧି ପାଇଁ ତାଙ୍କ ପ୍ରୟାସ ସର୍ବଦା ସ୍ମରଣୀୟ ରହିବ ବୋଲି ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଲେଖକ ତଥା ଚଳଚ୍ଚିତ୍ର ସାମ୍ବାଦିକ ରଣଧୀର ଦାସଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକାଶ କରିଛନ୍ତି । 'ଲୋହିତ ସନ୍ଧ୍ୟା', 'ଗଳ୍ପ ଆଜି ଓ କାଲି' ଭଳି ସାହିତ୍ୟ ରଚନା ସହ ଚଳଚ୍ଚିତ୍ର ଜଗତରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ ବୋଲି ବର୍ଣ୍ଣନା କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନପୂର୍ବକ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'

## ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୮,୮୪,୮୯୮ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୫,୬୯୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୨,୯୪୮ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୦ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୭୮୧ ରହିଛି ।
- ୭୮୧ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**